**କେରଳ ଆର୍ଥିକ ନିଗମ ଇତ୍ୟାଦି**

**ବନାମ**

**ଆୟକର ଆୟୁକ୍ତ, କେରଳ**

**ଜାନୁଆରୀ 11, 1996**

**[କୁଲଦିପ୍ ସିଂହ ଏବଂ ବି. ଏଲ୍. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]**

*ଆୟକର ଅଧିନିୟମ, 1961:*

*ଅନାଦେୟ ଋଣ - ମୁଖ୍ୟ ରାୟର ଅନୁଚ୍ଛେଦ 9 ରୁ 15 ରେ କରାଯାଇଥିବା ଟିକସ ଫେରସ୍ତ ସମ୍ବନ୍ଧୀୟ ପର୍ଯ୍ୟବେକ୍ଷଣକୁ ବାଦ୍ ଦିଆଯାଇଛି - ଅଗ୍ରୀମ ରାଶିକୁ ହିସାବରୁ ବାଦ୍ ଦେବା ପରେ, ଅନାଦେୟ ଋଣ ସମ୍ବନ୍ଧୀୟ ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ଟିକସଦାତାଙ୍କ ଦ୍ୱାରା ପଦକ୍ଷେପ ନିଆଯାଇପାରିବ ।*

*ଷ୍ଟେଟ୍ ବ୍ୟାଙ୍କ ଅଫ୍ ଟ୍ରାଭାଙ୍କୋର ବନାମ ଆୟକର ଆୟୁକ୍ତ,* **[1986] 2 SCC 11 (158 ITR 102), ମାମଲାଟିକୁ ଉଲ୍ଲେଖ ଏବଂ ବ୍ୟାଖ୍ୟା କରାଯାଇଛି ।**

ଦେୱାନୀ ଅପିଲୀୟ ଅଧିକାରିତା:

ଦେୱାନୀ ଅପିଲ ସଂଖ୍ୟା 4636/1994 ରୁ 4641/1994

ରେ

ଆଇ.ଏ. ସଂଖ୍ୟା 1 ରୁ 6 ।

ଆଇ.ଟି.ଆର୍.ସି. ସଂଖ୍ୟା 279/1979 ଏବଂ 280/1979 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ 24.10.84 ର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ତରଫରୁ ଜେ. ରାମମୂର୍ତ୍ତି, ବି.ବି. ଆହୁଜା, ଆର୍. ସତୀଶ ଏବଂ ବି.କେ. ପ୍ରସାଦ ।

ଉତ୍ତରଦାତାଙ୍କ ତରଫରୁ ପି.ଏସ୍. ପୋଡୀ ଏବଂ ଏନ୍. ସୁଧାକରନ୍ ।

ନ୍ୟାୟାଳୟଙ୍କ ଆଦେଶ **ନ୍ୟାୟମୂର୍ତ୍ତି ହଂସାରିୟାଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା ।

ଏହି ଆବେଦନଗୁଡ଼ିକ ଉପରୋକ୍ତ ଅପିଲଗୁଡ଼ିକରେ ଉତ୍ତରଦାତା (ରାଜସ୍ୱ) ଙ୍କ ଦ୍ୱାରା କରାଯାଇଛି, ଯାହାର ଫଏସଲା 1994 ମସିହା ମେ 12 ତାରିଖର ରାୟ ଦ୍ୱାରା କରାଯାଇଥିଲା । ଏହି ଆବେଦନଗୁଡ଼ିକରେ ଏହା ଦର୍ଶାଯାଇଛି ଯେ ଉକ୍ତ ରାୟର ଅନୁଚ୍ଛେଦ 9 ରୁ 15 ରେ ଯାହା କୁହାଯାଇଥିଲା ତାହା *ଷ୍ଟେଟ୍ ବ୍ୟାଙ୍କ ଅଫ୍ ଟ୍ରାଭାଙ୍କୋର ବନାମ ଆୟକର ଆୟୁକ୍ତ* [1986] 2 SCC 11 (158 ITR 102) ମାମଲାରେ ସଂଖ୍ୟାଗରିଷ୍ଠ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସହିତ ସୁସଙ୍ଗତ ନୁହେଁ, ଯାହା ଅପିଲଗୁଡ଼ିକର ଫଏସଲା କରିବା ସମୟରେ ଅନୁସରଣ କରାଯାଇଥିଲା । ଏହି ଆଭିମୁଖ୍ୟ ଗ୍ରହଣ କରାଯିବାର କାରଣ ହେଉଛି ଉପରୋକ୍ତ ମାମଲାରେ ସଂଖ୍ୟାଗରିଷ୍ଠଙ୍କ ଯାହା ମତ ଥିଲା ତାହା ହେଉଛି ଯେ 'ଅପ୍ରୀତିକର ଅଗ୍ରୀମ' ମାମଲାଗୁଡ଼ିକରେ ପ୍ରକୃତରେ ଯାହା କରାଯାଇପାରିବ ତାହା ହେଉଛି ଯେ ଟିକସଦାତା ଅଗ୍ରୀମ ରାଶିକୁ ହିସାବରୁ ବାଦ୍ ଦେବା ପରେ, ତାହା ଅନାଦେୟ ଋଣରେ ପରିଣତ ହେବ ଏବଂ ଆୟକର ଅଧିନିୟମର ପ୍ରାସଙ୍ଗିକ ଧାରା ଦ୍ୱାରା ଅନୁମତିପ୍ରାପ୍ତି ହେବା ଅନୁଯାୟୀ ଟିକସଦାତାଙ୍କ ଦ୍ୱାରା ଏପରି କାର୍ଯ୍ୟ କରାଯାଇପାରିବ । ତେବେ, ଉପରୋକ୍ତ ଅନୁଚ୍ଛେଦଗୁଡ଼ିକରେ ଏହା କୁହାଯାଇଛି ଯେ, ଅଗ୍ରୀମ ଋଣ ଅନାଦେୟ ଋଣରେ ପରିଣତ ହେଲେ, ଏହି ସୁଧ ଉପରେ ପରିଶୋଧ କରାଯାଇଥିବା ଟିକସକୁ ଟିକସଦାତା ଆଇନ ଅନୁଯାୟୀ ଫେରସ୍ତ ଦାବି କରିପାରିବେ । ଏହା ସ୍ପଷ୍ଟ ଯେ *ଷ୍ଟେଟ୍ ବ୍ୟାଙ୍କ ଅଫ୍ ଟ୍ରାଭାଙ୍କୋର* ମାମଲାରେ ସଂଖ୍ୟାଗରିଷ୍ଠ ଏପରି କହି ନଥିଲେ । ଅପିଲକାରୀମାନଙ୍କ ତରଫରୁ ହାଜର ହୋଇଥିବା ଶ୍ରୀ ପୋତୀଙ୍କ ଦ୍ୱାରା ଏହା ବିବାଦୀୟ ନୁହେଁ ।

ତଦନୁସାରେ ଏହା କୁହାଯାଇଛି ଯେ ରାୟର ଉପରୋକ୍ତ ଅନୁଚ୍ଛେଦରେ ଟିକସ ଫେରସ୍ତ ସମ୍ବନ୍ଧୀୟ ପର୍ଯ୍ୟବେକ୍ଷଣ ବାଦ୍ ଦିଆଯିବ । ଏହା ପରିବର୍ତ୍ତେ, ଅଗ୍ରୀମ ରାଶିକୁ ହିସାବରୁ ବାଦ୍ ଦେବା ବିଷୟରେ ଆମ୍ଭେ ଉଲ୍ଲେଖ କରୁଛୁ ଯେ ଅନାଦେୟ ଋଣ ସମ୍ବନ୍ଧୀୟ ଆୟକର ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଟିକସଦାତାଙ୍କ ଦ୍ୱାରା ପଦକ୍ଷେପ ନିଆଯାଇପାରିବ ।

ଏହି ପର୍ଯ୍ୟବେକ୍ଷଣଗୁଡ଼ିକ ସହିତ ଆବେଦନଗୁଡ଼ିକର ଫଏସଲା କରାଯାଉଛି ।

ଜି. ଏନ୍.                ଆବେଦନଗୁଡ଼ିକର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**